# ODM PUBLIC SCHOOL

**SESSION :03**
**CLASS :3**
**SUBJECT : ODIA**
**CHAPTER NUMBER: 04**
**CHAPTER NAME : ହଇଓ ସମୁଦି**
**SUBTOPIC : ଅଭ୍ୟାସ -୧,୩ ,୪ ,୬**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ ଓ ପଠନ ଶୈଳୀ ର ଅଭିବୃଦ୍ଧି କରାଇବା ଓ ପ୍ରଶ୍ନ ଉତ୍ତର ମାଧ୍ୟମରେ ବିଷୟବସ୍ତୁଟିକୁ ମନେପକାଇବା ।



ODM EDUCATIONAL GROUP

# ହାଇଓ ସମୁଦି

ଦ୍ୱିପହର ବେଳା ହୋଇଥାଏ । ହନୁବେଇଦ ଖଟରେ ଶୋଇଥାଏ । ସମୁଦି ଗଧିଆଙ୍କ କଥା ତା'ର ମନେ ପଡ଼ିଲା । ସମୁଦିଘରକୁ ବହୁତ ଦିନ ହେଲା ଯାଇନାହିଁ । ଭାବିଲା, ସମୁଦି ଘର ଆଡ଼ୁ ବୁଲି ଆସିବ । ସମୁଦିଘରକୁ ଗଲା । ଦ୍ୱାରରେ ଠକ୍‌ଠକ୍ କଲା । ଗଧିଆ ଧୀର ସ୍ୱରରେ 'ହଁ' କହିଲା । ଠକ୍‌ଠକ୍ ଶୁଣି ଦ୍ୱାର ଖୋଲିଲା ।



ହନୁବଇଦ ତା' ମୁହଁ ଦେଖି ପଚାରିଲା, "କ'ଣ ହୋଇଛି ସମୁଦି ? ତୁମର ମୁହଁ ଶୁଖିଲା ଦିଶୁଛି ।" ଗଧିଆ କହିଲା, "କିଛିଦିନ ହେଲା ଜ୍ୱର ହେଉଛି ।" ଜ୍ୱର ହେବାର କାରଣ ବିଷୟରେ ହନୁବଇଦ ପଚାରିଲା ।



ଗଧିଆ କହିଲା, "କ'ଣ କହିବି ସମୁଦି ! ବିଲେଇନାନୀର ମିଠା ଦୋକାନକୁ ଯାଇଥିଲି । ସେଠି ମିଠା, ସିଙ୍ଗଡ଼ା ଓ ଆଳୁଚପ୍ ଖାଇଲି । ସେଗୁଡ଼ାକ ବାସି ଜିନଷ । ଖରାପ ହୋଇଯାଇଥିଲା । ବିଲେଇନାନୀର ସରାଗ ଦେଖି ମନା କରିପାରିଲିନାହିଁ । ଖାଇଦେଲି ସିନା, ଘରକୁ ଫେରିଲାପରେ ପେଟ ଖରାପ ହୋଇ ଝାଡ଼ା ହେଲା । ତା'ପରଠୁ ତ ଜ୍ୱର । ସେଥିରେ ଆଗରୁ ଥିବା ଶ୍ୱାସରୋଗ ବାହାରି ପଡ଼ିଲା । ଭାରି ଧଇଁସଇଁ ଲାଗୁଛି ।"

ହନୁବଇଦ ସବୁଶୁଣିଲା । ଔଷଧ ଦେଲା । ଆଶ୍ୱାସନା ଦେଇ କହିଲା, ଡରନା, ତୁମର କିଛି ହେବ ନାହିଁ । ହନୁର ଔଷଧରେ ଗଧିଆର ଭାରି ବିଶ୍ୱାସ । ହନୁବଇଦ କହିଲା, ସମୁଦି କଥାଟିକୁ ଗଣ୍ଠି ପକାଇ ମନେରଖ –

"ଖାଇବାଦରବ ପଚାସଢ଼ା ବାସି
ଭଣଭଣ କରି ମାଛି ଥିବେ ବସି
ଭୋକରେ ପଇକେ ଜୀବନ ହାରିବ
ସେପରି ଦରବ କେବେ ନ ଖାଇବ ।"





ODM EDUCATIONAL GROUP
Changing your Tomorrow

## ଅଭ୍ୟାସ -୧ (ଗପରୁ କୁହ )

(କ) ହନୁବଇଦ ଖଟରେ ଶୋଇ କାହା କଥା ମନେ ପକାଇଲା ।

(ଖ) ଗଧିଆକୁ କାହିଁକି ଜ୍ୱର ହେଲା ?

(ଗ) ହନୁବଇଦ ଗଧିଆକୁ କି ଉପଦେଶ ଦେଲା ?

## ଅଭ୍ୟାସ -୩ (ଶବ୍ଦ ଗଢ ଓ ଠିକ ଉଚ୍ଚାରଣ କରି ପଢ )

ଯଥା -ବିଶ୍ୱ

ଅ ଶ୍ୱ

ଈ ଶ୍ୱ ର

ବି ଶ୍ୱା ସ

## ଅଭ୍ୟାସ-୫ ଠିକ ଜାଗାରେ ୱ ଫଳା ଲଗାଇ ଗୀତଟିକୁ ପଢ ଓ ଲେଖ

ଦାରଦାର ବୁଲି ହାଲିଆ ହେଲିଣି
ନିଃଶାସ ବହୁଛି ଖର
ମଧୁର ସରରେ କିପରି ଗାଇବି
ଦେହରେ ରହିଛି ଜର |

**ଉତ୍ତର** – ଦ୍ୱାରଦ୍ୱାର ବୁଲି ହାଲିଆ ହେଲିଣି
ନିଃଶ୍ୱାସ ବହୁଛି ଖର
ମଧୁର ସ୍ୱରରେ କିପରି ଗାଇବି
ଦେହରେ ରହିଛି ଜ୍ୱର |

# ଅଭ୍ୟାସ-୬ କ୍ରମରେ  ସଜାଡି ଲେଖ

ODM EDUCATIONAL GROUP

| | |
|---|---|
| ଶ୍ୱାସରୋଗ  ଥିଲା | ସମୃଦ୍ଧି ଘରକୁ ଗଲା |
| ପେଟ ଖରାପ ହେଲା | ଦ୍ୱାର ଠକ ଠକ ହେଲା |
| ଔଷଧ ଖାଇଲା | ପେଟ ଖରାପ ହେଲା |
| ଦ୍ୱାର ଠକ ଠକ ହେଲା | ଶ୍ୱାସରୋଗ  ଥିଲା |
| ସମୃଦ୍ଧି ଘରକୁ ଗଲା | ଔଷଧ ଖାଇଲା |

# ଗୃହକର୍ମ

## ଅଭ୍ୟାସ -୨ ଓ ୪କୁ ବହିରେ କର |



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ପଠନ ,ଶ୍ରବଣ , କଥନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



ODM EDUCATIONAL GROUP

THANKING YOU

ODM EDUCATIONAL GROUP